# ଓଡ଼ିଶା ଅଧିନିୟମ 1989ର 9

# ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ (ଶିକ୍ଷକ ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1989

ବିଷୟବସ୍ତୁର ସାରଣୀ


1. ସଂକ୍ଷିପ୍ତ ନାମ
2. ସଂଜ୍ଞା
3. କେତେକ ନିଯୁକ୍ତିର ବିଧିମାନ୍ୟକରଣ


(1989 ମେ 29ରେ ରାଜ୍ୟପାଳଙ୍କ ଦ୍ଵାରା ସମ୍ମତିପ୍ରାପ୍ତ । ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂସ୍କାରଣରେ 1989 ଜୁନ 6ରେ ପ୍ରଥମେ ପ୍ରକାଶିତ)

ଓଡ଼ିଶା ରାଜ୍ୟରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ କେତେକ ଶିକ୍ଷକମାନଙ୍କ ନିଯୁକ୍ତିକୁ ବିଧିମାନ୍ୟ କରିବା ନିମନ୍ତେ ଏକ ଅଧିନିୟମ ।

ଭାରତ ଗଣରାଜ୍ୟର 40ତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ଵାରା ନିମ୍ନମତେ ଅଧିନିୟମ ହେଲା :-

ସଂକ୍ଷିପ୍ତ ନାମ

1. ଏହି ଅଧିନିୟମଟି ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ (ଶିକ୍ଷକ ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1989 ନାମରେ ଅଭିହିତ ହେବ ।

ସଂଜ୍ଞା

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ, -

(କ) 'ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ' ଅର୍ଥ ଏକ ସହାୟତାପ୍ରାପ୍ତ ଅନୁଷ୍ଠାନ, ଯାହାକି ଏକ ମହାବିଦ୍ୟାଳୟ;

(ଖ) 'ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ' ଅର୍ଥ ଏକ ସହାୟତାପ୍ରାପ୍ତ ଅନୁଷ୍ଠାନ ଯାହାକି ଏକ ବିଦ୍ୟାଳୟ;

(ଗ) 'ଶିକ୍ଷା ଅଧିନିୟମ' ଅର୍ଥ ଓଡ଼ିଶା ଶିକ୍ଷା ଅଧିନିୟମ, 1969;

(ଘ) 'ପରିଚାଳନା କର୍ତ୍ତୃପକ୍ଷ' ଅର୍ଥ ଯଥାସ୍ଥିତି, ସହାୟତାପ୍ରାପ୍ତ ଶିକ୍ଷାନୁଷ୍ଠାନର ପରିଚାଳନା କମିଟି ବା ନିୟନ୍ତ୍ରକ ନିକାୟ;

(ଙ) 'ଚୟନ ମଣ୍ଡଳୀ' ଅର୍ଥ ଶିକ୍ଷା ଅଧିନିୟମ ଅନୁଯାୟୀ ଗଠିତ ଚୟନ ମଣ୍ଡଳୀ;

(ଚ) ଏହି ଅଧିନିୟମରେ ଯେଉଁ ଶବ୍ଦ ଓ ଅଭିବ୍ୟକ୍ତି ବ୍ୟବହାର କରାଯାଇଛି, ମାତ୍ର ଏଠାରେ ତାହାକୁ ସଂଜ୍ଞା କରାଯାଇନାହିଁ, ସେଗୁଡିକର ଅର୍ଥ ଯଥାକ୍ରମେ, ଶିକ୍ଷା ଅଧିନିୟମ କିମ୍ବା ତାହା ଅଧୀନରେ ପ୍ରଣୀତ ନିୟମାବଳୀ ବା ବିନିୟମାବଳୀରେ ଯେଉଁ ଅର୍ଥ ରହିଛି, ତାହା ହେବ ।

କେତେକ ନିଯୁକ୍ତି ବିଧିମାନ୍ୟକରଣ

3. ଶିକ୍ଷା ଅଧିନିୟମ କିମ୍ବା ଏହା ଅଧୀନରେ ପ୍ରଣୀତ ନିୟାମାବଳୀ ବା ବିନିୟମାବଳୀରେ ଯାହାକିଛି ଥିବା ସତ୍ତ୍ୱେ ,-

(କ) ତା 1 ଡିସେମ୍ବର, 1976 ପରେ କିନ୍ତୁ ତା 31 ଡିସେମ୍ବର, 1984 ମଧ୍ୟରେ ବିଦ୍ୟାଳୟଗୁଡିକର ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅସ୍ଥାୟୀ ଭାବେ ନିଯୁକ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ସ୍ନାତକ ଶିକ୍ଷକ, ମାଧ୍ୟମିକ ଏବଂ ମାଟ୍ରିକ ଶିକ୍ଷକ, ଶାରୀରିକ ଶିକ୍ଷା ଶିକ୍ଷକ, ଶାସ୍ତ୍ରୀୟ ଶିକ୍ଷକ, ହିନ୍ଦୀ ଶିକ୍ଷକମାନେ;

(ଖ) ତା 1 ଡିସେମ୍ବର, 1976 ପରେ କିନ୍ତୁ ତା 31 ଡିସେମ୍ବର, 1984 ମଧ୍ୟରେ ମହାବିଦ୍ୟାଳୟଗୁଡିକର ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅସ୍ଥାୟୀ ଭାବେ ନିଯୁକ୍ତ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡିକର ଅଧ୍ୟାପକମାନେ ; ଏବଂ

(ଗ) 1981 ମାର୍ଚ୍ଚ 1 ତାରିଖ ସୁଦ୍ଧା ଅସ୍ଥାୟୀଭାବେ ସରକାରୀ ମହାବିଦ୍ୟାଳୟଗୁଡିକରେ ଅଧ୍ୟାପକମାନଙ୍କ ଅବସାନ ହେବା ପରେ ବୈଧଭାବେ ଓ ଆଇନ ସମ୍ମତଭାବେ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିଯୁକ୍ତ ଅଧ୍ୟାପକମାନେ,

ଯେଉଁମାନେ ବିନା ବିରତିରେ ଅତିକମରେ 1 ବର୍ଷ ପାଇଁ ନିରବଚ୍ଛିନ୍ନଭାବେ ଶିକ୍ଷକ ବା ଅଧ୍ୟାପକ ଭାବେ ଏକ ବା ଏକାଧିକ ଅନୁଦାନପ୍ରାପ୍ତ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟଗୁଡିକରେ ସେବା କରିଥିବେ ଏବଂ ଯେଉଁମାନେ ଏପର୍ଯ୍ୟନ୍ତ କାର୍ଯ୍ୟ କରୁଥିବେ କିମ୍ବା ଯେଉଁମାନଙ୍କ ଚାକିରି ତା 31 ଡିସେମ୍ବର, 1984 ପରେ ଅସଦାଚାର ଭିନ୍ନ ଅନ୍ୟ କୌଣସି କାରଣରୁ ଅବସାନ ହୋଇଥିବ ବା ଯେଉଁ ଆଧ୍ୟାପକଙ୍କ ନିଯୁକ୍ତି ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ (ଶିକ୍ଷକମାନଙ୍କ ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1981 ଦ୍ୱାରା ବିଧିମାନ୍ୟ କରାଯାଇଥିବ, ସେମାନେ ସମସ୍ତ ଅଭିପ୍ରାୟରେ ଓ

ଉଦ୍ଦେଶ୍ୟରେ ବିଧିମାନ୍ୟଭାବରେ ଓ ନିୟମିତଭାବରେ ନିଯୁକ୍ତ ହୋଇଛନ୍ତି ବୋଲି ବିବେଚିତ ହେବ ଏବଂ ଶିକ୍ଷା ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀ ଓ ବିନିୟମାବଳୀରେ ଉଲ୍ଲିଖିତ ପ୍ରକ୍ରିୟା ଅନୁସାରେ ନ ହୋଇ ଅନ୍ୟ ପ୍ରକାରେ ସେମାନଙ୍କର ନିଯୁକ୍ତି ହୋଇଛି ବୋଲି କେବଳ ମାତ୍ର କାରଣରୁ ସେପରି କୌଣସି ନିଯୁକ୍ତିକୁ କୌଣସି ନ୍ୟାୟାଳୟରେ ଆପତ୍ତି କରାଯାଇପାରିବ ନାହିଁ :

ପରନ୍ତୁ ଉପରୋକ୍ତ ପ୍ରକାରେ ନିଯୁକ୍ତିର ବିଧିମାନ୍ୟକରଣ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ କୌଣସି ପ୍ରକାର ଅସୁବିଧାଜନକ ପରିସ୍ଥିତିରେ ପକାଇବ ନାହିଁ ,-

(i) ଚୟନ ମଣ୍ଡଳୀଙ୍କ ସୁପାରିଶ କ୍ରମେ ତା 1 ଡିସେମ୍ବରସ 1976 ଠାରୁ ତା 31 ଡିସେମ୍ବରସ 1984 ଅବଧି ମଧ୍ୟରେ ନିଯୁକ୍ତ ଶିକ୍ଷକ ବା ଯଥାସ୍ଥିତି, ଅଧ୍ୟାପକ ; ବା

(ii) ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଯଥାସ୍ଥିତି, ଶିକ୍ଷକ ବା ଅଧ୍ୟାପକ ରୂପେ ଯେଉଁମାନଙ୍କ ନିଯୁକ୍ତିକୁ ବିଧିମାନ୍ୟ କରାଯାଇଥିବ ସେମାନଙ୍କୁ ।